ISSN -2583-147X (P), **Vol.- 7, Issue No. XII, March 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟକରେ ଅଣ-ନାୟକ (Anti-Hero) ପ୍ରସଙ୍ଗ

ବିକେଶ ସାହୁ

ସାହିତ୍ୟର ଅନ୍ୟାନ୍ୟ ବିଭାବ ପରି ନାଟକ ମ୍ଧ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସର୍ଜନାତ୍ମକ କଳାକର୍ମ । ଜୀବନର ସକଳ ଛନ୍ଦ ନାଟକରେ ହୁଏ ଉଦ୍ଭାଷିତ, କେତେବେଳେ ଅବିକଳ ଭାବେ, ପୁଣି କେତେବେଳେ କିଛିଟା କଳ୍ପନାର ସମ୍ମିଶ୍ରଣରେ । ଜୀବନର ଇସ୍ତାହାରକୁ ଘୋଷଣା କରେ ନାଟକ । ଜୀବନରେ ଘନଘଟା ବା ଉତ୍ତେଜନା ନ ରହିଲେ ନାଟକ ହୁଏ ନାହିଁ । ମଣିଷ ଜୀବନର ନାନା ଯନ୍ତ୍ରଣା, ବ୍ୟର୍ଥତା, ନିଷ୍ଫଳତା, ବିଶ୍ୱାସଘାତକତା, ପ୍ରବୃତ୍ତିର ସଂଘର୍ଷ, ଦ୍ୱନ୍ଦ୍ୱ, ସଂଘାତ ଆଦିର ପଞ୍ଜର ଉପରେ ଗଢାହୁଏ ନାଟକର କଳେବର । ତେବେ ଏସବୁ ଉପାଦାନ ନାଟକରେ ରହିଲେ ଯେ ତାହା ନାଟକ ହୋଇଯିବ, ତାହା ନୁହେଁ । ଏଗୁଡ଼ିକ ଯେତେବେଳେ ନାଟକରେ ଗୋଟିଏ ଗୋଟିଏ ବିଶିଷ୍ଟ ଶିଳ୍ପ ଭାବେ ରୂପ ପରିଗ୍ରହ କରେ, ସେତେବେଳେ ଭୂମିଷ୍ଟ ହୁଏ ନାଟକ । ନବ ଜାତକର କୁଆଁ କୁଆଁ କ୍ରନ୍ଦନ ପରି ସେ ଘୋଷଣା କରେ ସମସାମୟିକ ସଭ୍ୟତା, ଜୀବନ, ଜାଗତିକ ଘଟଣା ଓ ସର୍ବୋପରି ଯନ୍ତ୍ରଣାର ଅବିକଳ ରୂପକଳ୍ପ । ଏହି ଶିଳ୍ପରୀତି ହିଁ ନାଟକକୁ ସାହିତ୍ୟର ଅନ୍ୟ ସବୁ ବିଭାବଠାରୁ ସ୍ୱତନ୍ତ୍ର କରି ଗଢ଼ି ତୋଳିଥାଏ ।

ସମୟର ପରିବର୍ତ୍ତିତ ରୂପ ପ୍ରତିଟି ଜୀବନରେ ଆଣେ ପରିବର୍ତ୍ତନ, ଜୀବନର ରୁଚିବୋଧର ପରିବର୍ତ୍ତନ ସାଙ୍ଗରେ ଯୁଗରୁଚିରେ ମ୍ଧ ପରିବର୍ତ୍ତନ ସ୍ୱାଭାବିକ । ଯାହା ପ୍ରତିଫଳିତ ହୁଏ ସାହିତ୍ୟରେ । ସର୍ବୋପରି ଓଡ଼ିଆ ନାଟ୍ୟ ସାହିତ୍ୟରେ ମ୍ଧ ଆରମ୍ଭରୁ ଆଜିଯାଏ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇପାରେ । କେତେବେଳେ ପାରମ୍ପରିକ ଧାରା ତ କେତେବେଳେ ନବନାଟ୍ୟ ଧାରା । ଅନେକ ପରୀକ୍ଷା ନିରୀକ୍ଷା ମ୍ଧଦେଇ ଗତି କରିଛି ଓଡ଼ିଆ ନାଟକ; ଆପାତତଃ ୧୯୭୦-୭୫ ମସିହା ପର୍ଯ୍ୟନ୍ତ । ଏହାପରେ ଏହି ନାଟକ କ୍ଷେତ୍ରରେ ପୁଣି ଏକ ପରିବର୍ତ୍ତନର ସ୍ୱର ଦେଖିବାକୁ ମିଳିଛି ଯାହାକି ୧୯୭୫ ମସିହା ପାଖାପାଖି ସମୟରୁ ଆରମ୍ଭହୋଇ କ୍ରମଶଃ ଆଗକୁ ବଢ଼ିଛି ଏବଂ ଯାହାର ଏକ ସ୍ପଷ୍ଟ ରୂପ ୧୯୮୦ ମସିହାବେଳକୁଦେଖିବାକୁ ମିଳିଛି । ୧୯୮୦ ମସିହାବେଳକୁ ପରିବର୍ତ୍ତିତ ହୋଇଥିବା ଏହି ନାଟ୍ୟଧାରାକୁ ଓଡ଼ିଆ ନାଟକ କ୍ଷେତ୍ରରେ 'ଉତ୍ତର ଆଧୁନିକତା ପର୍ବ' ଭାବେ କରାଯାଇଛି ଅଭିହିତ । ଏହି ସମୟର ନାଟକ ନିଜର କେତୋଟି ସ୍ୱାତନ୍ତ୍ର୍ୟତା ଯୋଗୁଁ ଅନ୍ୟ ସମୟର ନାଟକଠାରୁ ବାରି ହୋଇପଡେ । ଯେଉଁଥିପାଇଁ ସ୍ୱତନ୍ତ୍ର ଭାବେ ଉତ୍ତର ଆଧୁନିକ ନାଟକ ଭାବରେ ମ୍ଧ ନିଜର ମାନ୍ୟତାର ଏ ହୁଏ ଦାବିଦାର ।ସେହି ସ୍ୱାତନ୍ତ୍ର୍ୟ ଗୁଡିକ ମ୍ଧରେ ଲୋକବିଭବର ବିଶେଷ ପ୍ରୟୋଗ, ବିବିଧ ସାଂପ୍ରତିକ ସମସ୍ୟାର ରୂପାୟନ, ସାମାଜିକ ବୈଷମ୍ୟର ଉତ୍ଥାପନ, ବିଦ୍ରୋହ ବା ଆଶାବାଦର ଝଡ଼, ମାଟି ମନସ୍କତା, ମିଥ୍ ର ପ୍ରୟୋଗ, ମୁକ୍ତମଞ୍ଚଶୈଳୀର ପ୍ରୟୋଗ ତଥା ସର୍ବୋପରି ଚରିତ୍ର ପରିକଳ୍ପନାରେ ସ୍ୱାତନ୍ତ୍ର୍ୟ । ନାଟକ ସାମାଜିକ ଜୀବନର ଜ୍ୱଳନ୍ତ ପ୍ରତିଛବି, ପରଂପରାର ସୁସଂଗତ ଆଲେଖ୍ୟ ଏବଂ ବାସ୍ତବତାର ପ୍ରତିଫଳନ ହୋଇଥିବାରୁ ନାଟକର ଚରିତ୍ରାୟନ ସ୍ୱାଭାବିକ ରୂପ ଗ୍ରହଣ କରିଥାଏ । କଥାବସ୍ତୁ ନାଟକର ଆତ୍ମା ହେଲେ ଚରିତ୍ର ହେଉଛି ତାହାର ପ୍ରାର୍ଥୀ । କାରଣ ଚରିତ୍ର ବିନା ନାଟକ ଅସମ୍ଭବ । ନାଟ୍ୟକାର ନିଜର ବକ୍ତବ୍ୟକୁ ଏହି ଚରିତ୍ରମାନଙ୍କ ମ୍ଧମରେ ହିଁ ଉପସ୍ଥାପନ କରେ । ଏହି ଦୃଷ୍ଟିରୁ ନାଟକରେ ବିବିଧ ଚରିତ୍ରର ସମାବେଶ ଘଟିବା ସ୍ୱାଭାବିକ । ଯେମିତି କି ପାରମ୍ପରିକ ଭାବେ ଏକ ନାଟକରେ ମୁଖ୍ୟ ଚରିତ୍ର ବା ନାୟକ/ନାୟିକା, ଖଳ ଚରିତ୍ର ଓ ଅନ୍ୟାନ୍ୟ ପାର୍ଶ୍ୱ ଚରିତ୍ର । କିନ୍ତୁ ୧୯୮୦ ପରବର୍ତ୍ତୀ ନାଟକର ଏହି ପାରମ୍ପରିକ ଚରିତ୍ରାୟନରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇପାରେ । ଏହି ସବୁ ପରିବର୍ତ୍ତନ ମ୍ଧରେ ଆମ ସାମ୍ନାକୁ ଆସେ ପ୍ରତିନାୟକ ବା ଅଣ-ନାୟକ । ଯାହା ଏହି ପ୍ରବନ୍ଧର ବିଚାର୍ଯ୍ୟ ପ୍ରସଙ୍ଗ । ତେବେ ଓଡ଼ିଆ ନାଟକରେ ଏହାର ଗତିଶୀଳତାକୁ ବିଶ୍ଳେଷଣ କରିବା ପୂର୍ବରୁ ପ୍ରତିନାୟକ ସମ୍ପର୍କରେ ଏକ ଅବଧାରଣା ସୃଷ୍ଟି କରିବା ଆବଶ୍ୟକ ମନେହୁଏ ।

'ଅଣ-ନାୟକ' ଯାହାକୁ ଇଂରାଜୀରେ 'Anti-Hero' ଭାବେ ଅଭିହିତ କରାଯାଏ । ସେହିପରି ଏହାର ସମାର୍ଥବାଚକ ଶବ୍ଦ ଭାବେ ପ୍ରତିନାୟକ ଶବ୍ଦକୁ ବ୍ୟବହାର କରାଯାଇପାରେ । 'Encyclopedia Britannica'ରେ ଏହାର ସଂଜ୍ଞା ନିର୍ଣ୍ଣୟ କରି କୁହାଯାଇଛି- 'A protagonist of a drama or narrative who is notably lacking in heroic qualities.' ଅନୁରୂପ ଭାବେ 'Oxford Learner's Dictionaries'ରେ ଏହାର ସଂଜ୍ଞା ଉଲ୍ଲେଖ କରାଯାଇପାରେ – 'the main character in a story, but one who does not have the qualities of a typical hero, and is either more

like an ordinary person or morally bad.'ତେବେ ଏହା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେତେବେଳେ ଗୋଟିଏ କାହାଣୀର ପ୍ରମୁଖ ଚରିତ୍ର ଭାବେ ଉଭା ହୁଏ, କିନ୍ତୁ ତା' ମୂଳରେ ଜଣେ ସାଧାରଣ ନାୟକର ଗୁଣଗତ ଅଭାବବୋଧ ରହିଥାଏ ଏବଂ ସେ ଜଣେ ସାଧାରଣ ବ୍ୟକ୍ତି ସଦୃଶ କିମ୍ବା ନୈତିକ ଦୃଷ୍ଟିରୁ ଖରାପ ଚରିତ୍ର ଭଳି ପ୍ରତିତ ହୁଏ, ସେ କ୍ଷେତ୍ରରେ ଆମେ ତାକୁ ଅଣ-ନାୟକ ବା ପ୍ରତିନାୟକ ଭାବେ ଅଭିହିତ କରିପାରିବା। ସେହିପରି Joseph Lewis Wheelerଙ୍କ 'Literary Terms and Definitions'ରେ ମଧ୍ୟ ଅନୁରୂପ ଭାବେ ଏହାର ସଂଜ୍ଞା ନିରୂପିତ- 'A protagonist who is a non-hero or the antithesis of a traditional hero. While the traditional hero may be dashing, strong, brave, resourceful, or handsome, the anti-hero may be incompetent, unlucky, clumsy, dumb, ugly, or clownish.' ତେବେ ସାଧାରଣ ଭାବେ ଏହା କୁହାଯାଇ ପାରେ ଯେ, ଯେତେବେଳେ ଜଣେ ନାୟକ ପାଖରେ ଉପଯୁକ୍ତ ଦକ୍ଷତା ଓ ପାରମ୍ପରିକ ନାୟକତ୍ୱ ଗୁଣର ଅଭାବ ପରିଲକ୍ଷିତ ହୁଏ, ତାହା ହିଁ ଜଣେ ନାୟକକୁ ଅଣ-ନାୟକ ଭାବେ ରୂପାନ୍ତରିତ କରିଥାଏ। ଯାହାକୁ ଆହୁରି ଯୁକ୍ତିସଙ୍ଗତ କରିଥାଏ 'A Glossary of Literary Terms'ରେ ନିରୂପିତ ସଂଜ୍ଞା - 'The chief person in a modern novel or play whose character is widely discrepant from that of the traditional protagonist, or hero, of a serious literary work. Instead of manifesting largeness, dignity, power, or heroism, the anti-hero is petty, ignominious, passive, clownish, or dishonest.'

ଏହି ପ୍ରସଙ୍ଗ ଉତ୍ଥାପନ ମାତ୍ରକେ ପ୍ରଥମତଃଗୋଟିଏ କଥାସ୍ପଷ୍ଟହୋଇଯାଏ ଯେ 'ପ୍ରତିନିଧିମୂଳକ' ଚରିତ୍ର ପାଖରେ ଆଦର୍ଶବାଦୀ ନାୟକତ୍ୱର ଅଭାବବୋଧ।ଗୋଟିଏ ପଟେ ସମାଜର ପ୍ରତିନିଧିତ୍ୱ କରିବାର ଅଭୀପ୍ସା ପରିପୋଷଣ କରୁଥିବା କ୍ରିୟାଶୀଳତା ଓ ପ୍ରତିକ୍ରିୟା। ଜଣେ ମୁଖ୍ୟ ଚରିତ୍ରକୁ ପରିବର୍ଦ୍ଧିତ କରିଥାଏ ଅଣ-ନାୟକରେ। ପ୍ରତିନାୟକଙ୍କର କୌଣସି ସାମର୍ଥ୍ୟ ନାହିଁ କିମ୍ବା ବୋଧହୁଏ ଏକ ନିଷ୍ଠୁର ପ୍ରତିଯୋଗୀ ସମାଜର ନୈତିକତା ଆଗରେ ସ୍ଥିର ହୋଇଥିବା ତାଙ୍କ ଅସ୍ତିତ୍ୱର ସର୍ତ୍ତାବଳୀକୁ ଅତିକ୍ରମ କରିବାର ପ୍ରବୃତ୍ତିସେମାନଙ୍କର ନାହିଁ। ଏକ କଠିନ ସାମାଜ ଗଠନର ଫାଶରେ ପଡ଼ିଥିବା ପଶୁ ପରି, ପ୍ରତିନାୟକଙ୍କୁ ପ୍ରଭୁତ୍ୱ ସମ୍ପୂର୍ଣ୍ଣ ଚାରିତ୍ରମାନଙ୍କ ଦ୍ୱାରା ଦିଆଯାଇଥିବା ଧାରଣା ଏବଂ କାର୍ଯ୍ୟକଳାପର ଢାଞ୍ଚାରେ କାର୍ଯ୍ୟ କରିବାକୁ ପଡିଥାଏ। ପୁନଶ୍ଚ, ଯେହେତୁ ପାରମ୍ପାରିକ ନାୟକମାନେ ବାହ୍ୟ ଶକ୍ତି ସହିତ ମୁକାବିଲା କରିବାକୁ ସାହସର ସହ ଇଚ୍ଛା ରଖିଥାନ୍ତି, ସେମାନଙ୍କର 'ବ୍ୟକ୍ତିଗତ ଅଭିପ୍ସା' ପ୍ରାୟତଃ 'ସାମୂହିକ ଇଚ୍ଛା' ସହିତ ସଂଘର୍ଷ କରୁଥିଲା ଏବଂ ସେମାନଙ୍କର ବ୍ୟକ୍ତିଗତ 'ଗୁଣ' ଏବଂ 'ଯୋଗ୍ୟତା' ଧାରଣା ଏବଂ ବୈପ୍ଳବିକ ଉତ୍ସାହ ସେମାନଙ୍କୁ ପ୍ରେରଣା ଦେଇଥାଏ। ବୀରତ୍ୱର ଶକ୍ତି ଏବଂ ପ୍ରତିବଦ୍ଧତା ଶକ୍ତି ପ୍ରଦର୍ଶନ କରୁଥିବା ଏକାକୀ ନାୟକର ସଂଘର୍ଷ ତାଙ୍କ ସାମର୍ଥ୍ୟକୁ ପ୍ରତିଷ୍ଠା ଦେଇଥାଏ । କିନ୍ତୁ ଜଣେ ପ୍ରତିନାୟକ ସର୍ବଦା ବିରୋଧାଭାଷ ଓ ଦ୍ୱନ୍ଦ୍ୱରେ ବଞ୍ଚିଥାଏ ଜୀବନର ଶେଷ ପର୍ଯ୍ୟନ୍ତ; ସେ ନିଜକୁ କିମ୍ବା ଜଗତକୁକେବେହେଲେ ବୁଝିପାରେ ନାହିଁ।

ତେବେ ଉଲ୍ଲେଖଯୋଗ୍ୟ ଯେ ପ୍ରତିନାୟକ ବା ଅଣ-ନାୟକ ଚରିତ୍ରର ବ୍ୟାପକ ପ୍ରୟୋଗ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଆମେରିକୀୟ ନାଟକରେ ବହୁଳ ପରିମାଣରେ ଦେଖିବାକୁ ମିଳେ। ତଥାପି ଏହାର ଏକ ସୁଦୀର୍ଘ ପରମ୍ପରା ଗ୍ରୀକ୍ ଓ ରଷିୟାନ ସାହିତ୍ୟରେ ଦେଖିବାକୁ ମିଳେ। ବିଶ୍ୱଯୁଦ୍ଧ ପରବର୍ତ୍ତୀ ଆମେରିକୀୟ ନାଟକରେ O'Neillଙ୍କ 'The Iceman Cometh' (୧୯୪୬)ରେ ପ୍ରଥମ କରି ପ୍ରତିନାୟକର ସ୍ୱରୂପକୁ ଆମେ ଲକ୍ଷ୍ୟ କରିପାରିବା। ଚିରାଚରିତ ନାଟ୍ୟ ପରମ୍ପରାକୁ ପ୍ରତିହତ କରିସେ ନାଟକ କ୍ଷେତ୍ରରେ ଏକ ନୂତନ ସମ୍ଭାବନାକୁ ଜନ୍ମ ଦିଅନ୍ତି।ସେହିପରିMillerଙ୍କ 'All My Sons' (୧୯୪୭), 'Death of A Salesman' (୧୯୪୯), 'A View From the Bridge' (୧୯୫୫) ଏବଂ 'After The Fall'(୧୯୬୩)। ଅନୁରୂପ ଭାବେ Samuel Barclay Beckettଙ୍କ 'Waiting for Godot'(୧୯୫୨) ଓ 'Endgame' (୧୯୫୮) ଆଦି ନାଟକ ଏହି ଧାରାକୁ ଆହୁରି ଗତିଶୀଳ କରେଇବାରେ ବିଶେଷ ଭୂମିକା ନିର୍ବାହ କରିଥାଏ। ସେହିପରି ବିଶ୍ୱ ସାହିତ୍ୟରେ ଏ ଧରଣର ନାଟକର ଅନେକ ଦୃଷ୍ଟାନ୍ତ ପ୍ରଦାନ କରାଯାଇପାରେ। ଅନୁରୂପ ଭାବେ ଭାରତୀୟ ସାହିତ୍ୟରେ ମଧ୍ୟ ଏ ଧରଣର ନାୟକ ପରିକଳ୍ପନାର ସୁପ୍ରାଚୀନ ପରମ୍ପରା ରହିଛି। ଭାରତୀୟ ମହାକାବ୍ୟରେ ଏ ଧରଣର ଦୃଷ୍ଟାନ୍ତ ଅନେକତ୍ର ପରିଲକ୍ଷିତ। ଦୃଷ୍ଟାନ୍ତ ଭାବେ ମହାଭାରତର ଦୁର୍ଯ୍ୟୋଧନ ଚରିତ୍ରକୁ ନିଆଯାଇପାରେ। ଯଦିଓ ଦୁର୍ଯ୍ୟୋଧନ ଏକ ଖଳ ଚରିତ୍ର ଭାବେ ପାଠକଙ୍କ ମାନସପଟରେ ଆବହମାନ କାଳରୁ ଚିତ୍ରିତ ହୋଇଆସିଛି, ତଥାପି ତା' ମୂଳରେ ଏକ ପ୍ରତିନାୟକର ଉପାଦାନ ସବୁକୁ ଭ୍ରୂକ୍ଷେପ କରାଯାଇ ନପାରେ। ଯାହା ଏ ଧରଣର ନାୟକ ପରିକଳ୍ପନାର ପ୍ରାଚୀନ ପରମ୍ପରାର ନିଦର୍ଶନ। ଅନୁରୂପ ଭାବେ ହିନ୍ଦୀ ନାଟ୍ୟ ସାହିତ୍ୟରେ ମୋହନ ରାକେଶଙ୍କ 'ଅଷାଢ କେ ଏକ ଦିନ', 'ତିସରା ହାଥୀ', ସଂକର ସେସଙ୍କ 'ଏକ ଔର ଦ୍ରୋଣାଚାର୍ଯ୍ୟ'

ଆଦି ଉଲ୍ଲେଖ ଯୋଗ୍ୟ । ପ୍ରାକ-ସ୍ୱାଧୀନ ଓ ସ୍ୱାଧୀନତୋତ୍ତର ଭାରତୀୟ ନାଟ୍ୟ ସାହିତ୍ୟରେ ମଧ୍ୟ ଏ ଧରଣର ନାଟ୍ୟ ପରମ୍ପରା ରହିଥିବା ଲକ୍ଷ୍ୟ କରାଯାଇପାରେ, କିନ୍ତୁ ଏ ପର୍ଯ୍ୟନ୍ତକୌଣସି ଉଲ୍ଲେଖନୀୟ ଆଲୋଚନାମୋ ସାମ୍ନାକୁ ଆସିପାରି ନାହିଁ ।ତେଣୁ ଏହାର ବିଶ୍ଳେଷଣ ଦିଗ ପ୍ରତି ନୀରବତା ଅବଲମ୍ବନ ପୂର୍ବକ ସିଧାସଳଖ ଭାବେ ଓଡ଼ିଆ ନାଟ୍ୟ ସାହିତ୍ୟରେ ଏହାର ଉପସ୍ଥିତି ଓ ବ୍ୟାପ୍ତି ଉପରେ ଅଲୋଚନାକୁ କେନ୍ଦ୍ରିତ କରାଗଲା ।

ପ୍ରଥମତଃ ଏଭଳି ନାଟକର କଥା ସ୍ମରଣ କରୁ କରୁ ଆମ ଆଗରେ ଦଣ୍ଡାୟମାନ ହୋଇଯାଏ ପ୍ରଥମେ ନାଟ୍ୟକାର ବିଜୟ ମିଶ୍ରଙ୍କ ଷଷ୍ଠ ଦଶକରେ ଲିଖିତ 'ଅଶାନ୍ତ ଗ୍ରହ' (୧୯୬୪) । ଏହି ନାଟକରେ ଘଟଣା ଅପେକ୍ଷା ଚରିତ୍ର ହୋଇଛି ଆକର୍ଷଣର କେନ୍ଦ୍ର । ଚିରାଚରିତ ନାଟକ ପରମ୍ପରାକୁ ପ୍ରତିହତ କରି ଏକ ନୂତନ ସମ୍ଭାବନାର ଆଲୁଅ ଦେଖନ୍ତି ବିଜୟ ମିଶ୍ର ଉକ୍ତ ନାଟକରେ । ଏ ପରିପ୍ରେକ୍ଷୀରେ ତାଙ୍କ ଅଶାନ୍ତ ଗ୍ରହର ମୁଖଶାଳାରୁ ଏକ ଅଭିବ୍ୟକ୍ତି ଉଲ୍ଲେଖ କରାଯାଇପାରେ- "ଅନେକ ଗୁଡିଏ ବାସ୍ତବ ଅନୁଭୂତ ମୋତେ ଅଭିଭୂତ କରିଚି । ତେଣୁ ସେ ସବୁର ପ୍ରତିଫଳନ ଯେ ଏ ନାଟକରେ ପ୍ରଚ୍ଛନ୍ନ ଭାବେ ପଡ଼ିଛି, ଏକଥା କହିବା ନିଷ୍ପ୍ରୟୋଜନ । କେତେ ଗୁଡ଼ିଏ ଚରିତ୍ର ମାଧ୍ୟମରେ ଏଇ ଅଭିଜ୍ଞତା ଏବଂ ଭାବାବେଗକୁ ମୁଁ ଯଥାସମ୍ଭବ ଫୁଟାଇବାକୁ ଚେଷ୍ଟା କରିଚି । ତେଣୁ ସ୍ୱତଃ ନାଟକଟି କାହାଣୀ ପ୍ରଧାନ ନ ହୋଇ, ଚରିତ୍ର ପ୍ରଧାନ ହୋଇଯାଇ । ବାସ୍ତବ ଜୀବନରେ ଏହି ନାଟକର ପ୍ରତ୍ୟେକ ଚରିତ୍ର ସଂପର୍କରେ ମୁଁ ଅସିଚି । ସେମାନଙ୍କୁ ମୁଁ ଯେଉଁ ଭାବରେ ଦେଖିଚି, ଭାବିଚି ଏବଂ ଉପଲବ୍ଧି କରିଚି ନାଟକକୁ ସେଇ ଦିଗରେ ଗଢ଼େଇ ନବାକୁ ଚେଷ୍ଟା କରିଚି ।" (ଅଶାନ୍ତ ଗ୍ରହ – ବିଜୟ ମିଶ୍ର) ତେବେ ଅନୁରୂପ ଭାବେ 'ଅଶାନ୍ତ ଗ୍ରହ'ର ମୁଖ୍ୟ ଚରିତ୍ର ଭାବେ ସାମ୍ନାକୁ ଆସେ 'ହେମନ୍ତ' । ଯେଉଁ ହେମନ୍ତ ନିଜେ ଅଶାନ୍ତ ଗ୍ରହ ! ଯିଏ ଘୂରିବୁଲିଚି ଅଶାନ୍ତ ହୋଇ; ହାତରେ ଧରି ଏକ ଜୀର୍ଣ୍ଣ ଛବି ! ଅସମ୍ମାନିତ ଜାରଜର ପରିଚୟ ଦେଇଥିବା ଆତତାୟୀ ବାପାଙ୍କୁ ଖୋଜି ବୁଲିଛି ସବୁଠି । ପରିଚୟ ଖୋଜି ସମ୍ମାନିତ ହେବାର ଲକ୍ଷ୍ୟ ନାହିଁ; କିମ୍ବା ଅଧିକାର ସାବ୍ୟସ୍ତ ପାଇଁ ନୁହେଁ; ବରଂ ତା' ଭିତରେ ଥିବା ଅଶାନ୍ତ ଜ୍ୱାଳାକୁ ପ୍ରଶମିତ କରିବାପାଇଁ । ମାତୃତ୍ୱକୁ ଅବହେଳା, ନାରୀତ୍ୱକୁ ଅସମ୍ମାନିତ କରି ପଳାତକ ଅଜ୍ଞାତ ପିତାମାନେ ସାଜିଛନ୍ତି ହେମନ୍ତର ଶତ୍ରୁ ! ସେମାନଙ୍କୁ ନିପାତ କରିବା ହୋଇଛି ତା'ର ଏକମାତ୍ର ଲକ୍ଷ୍ୟ । ତେଣୁ ଅନାଥାଶ୍ରମଗୁଡ଼ିକ ତା'ପାଇଁ ଥିଲା ହତାଶା-କ୍ଷୋଭ-ଆତ୍ମଗ୍ଳାନି ଓ ହିଂସାର ପ୍ରତିରୂପ । ଉତ୍ତର-ଅଶୀ ଓଡ଼ିଆ ନାଟକରେ ହେମନ୍ତ ଭଳିଦେଖିବାକୁ ମିଳିବେ ବେଶ୍‌କେତେ ଜଣ ଅଣ-ନାୟକ । ଏହି ଧାରାର ନାଟ୍ୟ ପରିକଳ୍ପନାର ପଦଚିହ୍ନ ଓଡ଼ିଆ ନାଟକରେ ଅନେକତ୍ର ପରିଲକ୍ଷିତ ।'ଅଶାନ୍ତ ଗ୍ରହ'ର ସଫଳତା ପରେ ବିଜୟ ମିଶ୍ରଙ୍କ ଅନ୍ୟାନ୍ୟ ନାଟକମାନଙ୍କରେ ମଧ୍ୟ ଏ ଧରଣର ବିଷୟ ଓ ଚରିତ୍ର ପରିକଳ୍ପନାର ଚିତ୍ର ସ୍ପଷ୍ଟ ବାରିହୋଇପଡ଼େ । କିନ୍ତୁ ଏହା ବିଶେଷ ଘନୀଭୂତ ହୁଏ ୧୯୮୦ ମସିହା ବେଳକୁ । ତେଣୁ ଆଲୋଚନାର ପରିସର ଦୃଷ୍ଟିକୋଣରୁ ୧୯୮୦ ପରବର୍ତ୍ତୀ ନାଟକରେ ଅଣ-ନାୟକ ପ୍ରସଙ୍ଗ ଉପରେ ଅଲୋଚନାକୁକେନ୍ଦ୍ରିତ କରାଗଲା ।

୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟକରେ ଏମିତି ଅନେକ ଚରିତ୍ରଙ୍କର ଅଗମନୀ ଘଟିଛିଯେଉଁମାନଙ୍କ ମନ ଭିତରେ ଭରିରହିଛି ଅସୁମାରିକ୍ଷୋଭ, ଗ୍ଳାନି ଓ ହତାଶା । ଜୀବନର ପ୍ରକୃତ ସ୍ୱରୂପକୁ ସେମାନେ ବୁଝିବାକୁ ହୋଇଛନ୍ତି ଅସମର୍ଥ । ବଞ୍ଚିବା ହିଁସେମାନଙ୍କ ପ୍ରଥମ ନୈତିକତା । ନା ଅଛିସେମାନଙ୍କ ପାଖରେ ଚିରାଚରିତ ନାୟକର ସାମର୍ଥ୍ୟ, ଗୁଣ, ସମୟ ସହ ସମାଜ ସହ ଲଢ଼ିବାର କ୍ଷମତା ! ଏକ ଭାଷମାନ ଧାରାରେ ସେମାନେ କେବଳ ପ୍ରବାହିତ । ଏହି ସବୁଶ୍ରେଣୀର ଚରିତ୍ରମାନଙ୍କ ମଧ୍ୟରେ ନାଟ୍ୟକାର ବିଜୟ ମିଶ୍ରଙ୍କର 'ଜଣେ ରାଜା ଥିଲେ' (୧୯୮୨)ର ନିରଞ୍ଜନ; ରତି ମିଶ୍ରଙ୍କର 'ଚାଞ୍ଚଲ୍ୟକର' (୧୯୮୪) ନାଟକର କଳାଚାନ୍ଦ ବା କଳାପାହାଡ଼, ଡାକ୍ତର ସୁବୋଧ ପଟ୍ଟନାୟକଙ୍କର 'ବାଲ୍ମୀକି' (୨୦୦୧) ନାଟକର ଅଶୋକ; ମିହିର କୁମାର ମେହେରଙ୍କ 'ଶକୁନ୍ତଳା' (୨୦୦୦) ନାଟକର ବସନ୍ତ ଚରିତ୍ର; ସରୋଜ ମିଶ୍ରଙ୍କର 'ଇତିହୀନ ଇତିହାସ' (୨୦୦୪)ର ସମ୍ରାଟ ଅଶୋକ; ବିଜୟ ଶତପଥୀଙ୍କର 'ପ୍ରଳୟ ପରେ' (୨୦୦୧) ନାଟକର ରାଜା ସୁଦର୍ଶନ ଓ ପ୍ରିୟଦର୍ଶନ; ସୁବୋଧ ପଟ୍ଟନାୟକଙ୍କର 'ଧୂଆଁ' (୨୦୦୯) ନାଟକର ଲୁକା; ଶଙ୍କର ତ୍ରିପାଠୀଙ୍କର 'ଉତ୍ତରାୟଣ' (୨୦୧୦)ର ମୁକ୍ତାଗଡ଼ର ସମ୍ରାଟ୍ ପ୍ରଭୃତି ଚରିତ୍ରମାନେ ।

'ଅଶାନ୍ତ ଗ୍ରହ' ନାଟକର ହେମନ୍ତ ଚରିତ୍ର ପରି ନାଟ୍ୟକାର ବିଜୟ ମିଶ୍ରଙ୍କର 'ଜଣେ ରାଜା ଥିଲେ' ନାଟକରେ ଅଣ-ନାୟକର ପ୍ରତିସ୍ଥାପନା ହୋଇଛି ଆହୁରି ସୁଦୃଢ଼ । ଏହି ରାଜନୀତିକ ବ୍ୟଙ୍ଗମୂଳକ ନାଟକରେ ସ୍ୱେଚ୍ଛାଚାରୀ ରାଜା ସୁରେନ୍ଦ୍ରପ୍ରତାପଙ୍କ ରାଜ୍ୟରେ ପ୍ରଜାମାନେ ଥିଲେ ଓଟମୁହାଁ, ରାଣୀ ଥିଲେ ନିର୍ବାକ୍ ପିତୁଳା । ଓଟମୁହାଁ ପ୍ରଜାଙ୍କୁ ସେମାନଙ୍କର ଓଟତ୍ୱରୁ ମୁକ୍ତି ଦେବାପାଇଁ ପ୍ରୋଟାଗୋନିଷ୍ଟ୍ ନିରଞ୍ଜନ ଗଣତାନ୍ତ୍ରିକ ପଦ୍ଧତିରେ ଲୋକଙ୍କର ଇଚ୍ଛାରୁ ସାଜିଛି ରାଜା; ମାତ୍ର ସିଂହାସନରେ ବସିଲାପରେ ସେ ମଧ୍ୟ ସ୍ୱେଚ୍ଛାଚାରୀ ସୁରେନ୍ଦ୍ରପ୍ରତାପଙ୍କ ଅନୁରୂପ ଚାହିଁଛି ପ୍ରଜାମାନେ ହୋଇଯାନ୍ତୁ ଓଟବତ୍ ଏବଂ ପୂର୍ବଭଳି ଗାନ କରନ୍ତୁ ରାଷ୍ଟ୍ରର ଜାତୀୟ ସଂଗୀତ "ଓଟ ପରି ଜୀବ ନାହିଁରେ ଭାଇ ଶାନ୍ତି ତୁ ପାଇବୁ ଯା' ଓଟ ହୋଇ ।" କାରଣ ସିଂହାସନ ଏକ ଅହଂକାର ଏକ ସ୍ୱେଚ୍ଛାଚାରୀ ବ୍ୟକ୍ତିର ଉପବେସନ ଆଉ କାଳେ କାଳେ ପ୍ରଜାବର୍ଗ ଶୋଷିତ, ଲାଞ୍ଛିତ, ଅପମାନିତ ଆଉ ଦଳିତ ଓଟ ଭଳି । ଶେଷରେ ନିରଞ୍ଜନ ମୁହଁର ସେହି ପରିବର୍ତ୍ତିତ ସଂଳାପ ଏହିପରି ନିରଞ୍ଜନ – "ମଣିଷ ମୁହଁମାନଙ୍କୁନେଇ ପ୍ରଶାସନ ହେଇ ପାରେନା ।ଦୈବାତ୍ ତମେମାନେ ମଣିଷମୁହାଁ ।ହେଇଯାଇଚ ।ତେଣୁ ରାଜା ହିସାବରେ ମୋ'ର ତୁମ ସମସ୍ତଙ୍କୁ ଆଦେଶ, ଅଜି ଠାରୁ, ଶାସନର ସୁବିଧା ପାଇଁ ସମସ୍ତେଗୋଟାଏ ଗୋଟାଏ ଓଟ ମୁଖା ପିନ୍ଧିବେ ।' (ଜଣେ ରାଜା ଥିଲେ – ବିଜୟ ମିଶ୍ର) ଯାହା ନିରଞ୍ଜନର ବ୍ୟକ୍ତିତ୍ୱର ମୃତ୍ୟୁ ଘୋଷଣା

କରେ । ନିରଞ୍ଜନ ଜାଣେନା ସେ କ'ଣ କରୁଛି ! ଏହାର ପରିଣାମ କ'ଣ ? ନିରଞ୍ଜନର ପରିବର୍ତ୍ତିତ ରୂପଟି ଠିକ୍ ଜଣେ ଅଣ-ନାୟକ ଭଳି । ସମୟ ଓ ପରିସ୍ଥିତିର ଦାଉରୁସେ ମ୍ମ ନିସ୍ତାର ପାଇପାରିନାହିଁ ।ସେହିଭଳି ରତି ମିଶ୍ରଙ୍କର 'ଚାଞ୍ଚଲ୍ୟକର' ନାଟକରେ । କଳାଚାନ୍ଦରୁ କଳାପାହାଡ଼ରେ ରୂପାନ୍ତରିତ ହୋଇଥିବା ସାଧାରଣ ମଣିଷ ଜଣକର ତୀବ୍ର ହତାଶା; କଳାଚାନ୍ଦକୁ ବଦଳେଇ ଦେଇଛି ଜଣେ ଧର୍ମବିରୋଧୀ ମନ୍ଦିର ବିଧ୍ୱଂସକ ଭାବେ । ଧର୍ମୀୟ ଶୋଷଣ ଓ ସାମାଜିକ ଲାଞ୍ଛନାର ଶିକାର ହୋଇ କଳାଚାନ୍ଦରୁ କଳାପାହାଡ଼ରେ ପରିବର୍ତ୍ତିତ ହୋଇଯିବାର ପଥରେ ଭୋଗିଥିବା ମାନସିକ ବିଖଣ୍ଡନ ଓ ଅସୂୟା ଭାବରୁ କଳାପାହାଡ଼ ସାଜିଛି ମହାକାଳର ପ୍ରତୀକ । ଜୀବନର ନାନା ହତାଶା ଓ ସମାଜର ଲାଞ୍ଛନା ଜଣେ ସାଧାରଣ ବ୍ୟକ୍ତିକୁ ମ୍ମ କେତେ ନୃଶଂସ କରିଦେଇପାରେ । ପରିବେଶ ଓ ପରିସ୍ଥିତିର ଦାଉ ଆଗରେ ମଣିଷର ସମସ୍ତ ଆଦର୍ଶ, ସ୍ୱପ୍ନ ଓ ବ୍ୟକ୍ତିତ୍ୱ କେତେ ସହଜରେ ଧୋଇହୋଇଯାଏ । ଅନୁରୂପ ଚିତ୍ର ଆମେ ଦେଖିବାକୁ ପାଉଁ ରତି ମିଶ୍ରଙ୍କ 'ଚାଞ୍ଚଲ୍ୟକର' ନାଟକର କଳାଚାନ୍ଦ ପାଖରେ ।ସେହିପରି ଡାକ୍ତର ସୁବୋଧ ପଟ୍ଟନାୟକଙ୍କର 'ବାଲ୍ମୀକି' ନାଟକରେ ସାଧାରଣ ଏକ ଚରିତ୍ର ଅଶୋକ ପ୍ରଥମେ ଦସ୍ୟୁ ରତ୍ନାକର ଓ ପୁନଶ୍ଚ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ହୋଇପାରିଛି ରୂପାନ୍ତରିତ । ଗାନ୍ଧିବାଦୀ ପିତା ସତ୍ୟକାମଙ୍କୁ ଦେଖୁଥିବା ବଳାତ୍କାର ବିରୋଧରେ ପୋଲିସ୍ ପାଖକୁ ଯିବା ପାଇଁ ବାରଣ କରିଛି ଅଶୋକ । ମାତ୍ର ସେଇ ଘଟଣା ସମଗ୍ର ପରିବାରକୁ ଧ୍ୱସ୍ତ କରିଦେଇଛି । ତା'ର ପିତା-ମାତା ଉପରେ ହୋଇଛି ଅକଥନୀୟ ଅତ୍ୟାଚାର । ଏସବୁ ସହ୍ୟ ନ କରିପାରି ଅଶୋକ ଜେଲ୍‌ରୁ ପଳାତକ ସାଜିଛି; ମାତ୍ର ଭଉଣୀକୁ ବଞ୍ଚାଇ ପାରିନିଗୁଣ୍ଡାମାନଙ୍କ କବଳରୁ । ପରିସ୍ଥିତି ଓ ଘଟଣା ନାଟକରେ ଅଶୋକକୁ ହତାଶା ଓ ଗ୍ଲାନିରେ ଭରିଦେଇଛି ଏବଂସେଥିପାଇଁସେ ନିଜକୁ ବଦଳାଇଛି ପରିସ୍ଥିତି ଅନୁରୂପ ।ଗୋଟିଏ ପଟେ ଭଙ୍ଗୁର ଆଦର୍ଶ ଓ ଅନ୍ୟପଟେ ଶକ୍ତିଶାଳୀ ହୀନମୂଲ୍ୟବୋଧର ତୀବ୍ର ଦ୍ୱନ୍ଦ୍ୱ ଅଶୋକକୁ ନା' ରତ୍ନାକର ନା' ବାଲ୍ମୀକି କେଉଁ ପରିଚୟ ଦେବ ତାହା ହିଁ ଏକ ବିରାଟ ପ୍ରଶ୍ନବାଚୀ ! ଜୀବନର ସ୍ଥିତି ଓ ଦୁଃସ୍ଥିତିରେ ମଣିଷ ପରିବର୍ତ୍ତିତ ହୁଏ, କିନ୍ତୁସେ ପରିବର୍ତ୍ତନର ଏକ ପରିଚୟ ଥାଏ । ଯାହା ତାକୁ'ସୁ' ବା'କୁ' ଭାବେ ଚିହ୍ନିତ କରେ । କିନ୍ତୁ ମଣିଷ ବେଳେବେଳେ ଏମିତି କିଛି ପରିସ୍ଥିତିଦେଇ ଗତି କରେ ସେ ନିଜେ ମ୍ମ ବୁଝିପାରେ ନାହିଁ ନିଜକୁ । ଜୀବନର ଏହି ସ୍ଥିତିମାନଙ୍କରେ ମଣିଷ ହରାଏ ନିଜର ପ୍ରକୃତ ସ୍ୱରୂପ । ତା' ଭିତରେ ଅନେକ ଚରିତ୍ର ବିଭିନ୍ନ ଭାବରେ ସେମାନଙ୍କ ଚାରିତ୍ରିକ ପରିଚୟ ପାଇଁ ଆନ୍ଦୋଳନ କରନ୍ତି । ଏମିତି ହିଁ କିଛି ଘଟିଛି ଅଶୋକ ସହିତ । ଯାହା ତାକୁ ରୂପାନ୍ତରିତ କରିଛି ଏକ ଅଣ-ନାୟକ ଭାବରେ ।

'ବାଲ୍ମୀକି' ନାଟକର ଅଶୋକ ଚରିତ୍ରର ଅନୁରୂପ ହେଉଛି 'ଶକୁନ୍ତଳା' ନାଟକର 'ବସନ୍ତ' ଚରିତ୍ର; ଯିଏ ପୁରାଣର ଦୁଷ୍ମନ୍ତ ଚରିତ୍ର ଭଳି । ଶକୁନ୍ତଳାଙ୍କ ଜୀବନରେ ଯେପରି ଦୁଷ୍ମନ୍ତ ସୃଷ୍ଟି କରିଥିଲେ ଅପ୍ରତ୍ୟାଶିତ ଝଡ଼ର ଆଶଂକା । ଅନୁରୂପ ଭାବେ ବସନ୍ତ; ଯିଏ କବିତା ଜୀବନରେ ସୃଷ୍ଟି କରିଛି ଝଡ଼ । ଆଉ ଅପରପକ୍ଷରେ କଳ୍ପନାକୁ ବିବାହ କରି ତାକୁ ମ୍ମ ଦେଇପାରିନି ଉଚିତ ନ୍ୟାୟ । ଆଉ ହରାଇଛି ବି ପ୍ରସବ ବେଦନା ବେଳେ ଅନାଗତ ନବଜାତକ ଓ କଳ୍ପନାକୁ । ଅନ୍ୟପକ୍ଷରେ ଶକୁନ୍ତଳାଙ୍କ ଭଳି କବିତା, ବସନ୍ତ ସହ ମିଳନର ସ୍ମାରକୀ ତା'ର ଶିଶୁକନ୍ୟା ଓ ସନ୍ତକ ମୁଦ୍ରିକାକୁ ଛାଡ଼ି ସାଜିଛି ନିରୁଦ୍ଦିଷ୍ଟ । ବସନ୍ତର ପଶ୍ଚାତାପ ଓ ଆତ୍ମଗ୍ଲାନିଧୋଇପାରିନି ତା'ର କୃତକର୍ମକୁ । ଜୀବନର ଏହି ଗତିଶୀଳତା ମ୍ମରେ ଅପ୍ରତ୍ୟାଶିତ ଭାବେ ହୋଇଛିସେ ମର୍ମାହତ ।

ଅନ୍ୟପକ୍ଷରେ 'ଇତିହୀନ ଇତିହାସ'ରେ ଅହଂକାରୀ ନରହନ୍ତା ଓ ଭ୍ରାତୃହନ୍ତା ଅଶୋକ, ଯିଏ ସମଗ୍ର ଭୂଖଣ୍ଡର ଅଧିପତି ହେବାର ଅନ୍ଧନିଶାରେ ଅଠାନବେ ଜଣ ଭାଇଙ୍କୁ ହତ୍ୟା କରିବା ସହିତ ମଗଧର ସିଂହାସନ ପାଇଁ ମୁଣ୍ଡଟେକୁଥିବା ସୁଗତ୍ରଙ୍କୁ ହତ୍ୟା ଉପରାନ୍ତ ଏକଛତ୍ରବାଦୀ ଶାସନ ଲୋଭରେ କଳିଙ୍ଗ ଆକ୍ରମଣ କରିଛନ୍ତି । ଏସବୁର ଉହାଡ଼ରେ ପ୍ରଚ୍ଛନ୍ନ ଥିଲା ତାଙ୍କର ବାଲ୍ୟକାଳ ଓ ପାରିବାରିକ ପ୍ରତ୍ୟାଶା ଓ କ୍ଷୋଭ । ସେନାପତି ବୃଷକେତୁଙ୍କର ପ୍ରତି ପାଶବିକ ଅତ୍ୟାଚାର ପାଇଁ ଦାୟୀ ହୋଇଥିବା ସତ୍ତ୍ୱେ ଅଶୋକ ସେନାପତି କୃଷକେତୁଙ୍କୁ ଉଚିତ ଦଣ୍ଡଦେବାପାଇଁ ପାଶ୍ଚାତ୍‌ପଦ ହେବେ ନାହିଁବୋଲିଘୋଷଣା ଏବଂ ପତ୍ନୀହତ୍ୟାର ପ୍ରତିଶୋଧ ନେବାକୁ ଆସିଥିବା ଯୁବକ ଆଗରେ ନତମସ୍ତକ ହୋଇ ପ୍ରତିଶୋଧ ନିଅ ବୋଲି ପ୍ରସ୍ତୁତ ହେବା ଭିତରେ ଲକ୍ଷ୍ୟ କରିହେବ ଜଣେ ଦୁର୍ଦ୍ଦାନ୍ତ ଓ ନରହନ୍ତା ଭିତରେ ଆଦର୍ଶବାଦୀ ଚରିତ୍ରକୁ । ସାମ୍ରାଟଙ୍କ ମୁଖରେ ସେହି ଶେଷ ସଂଳାପଟି ଏହିପରି – "ମୁଁ ପ୍ରସ୍ତୁତ ଯୁବକ ! ଅଶୋକ ତମ ଆଗରେ ନତଜାନୁ ହୋଇ ଛିନ୍ନ ଶିର ଦେବାକୁ ପ୍ରସ୍ତୁତ । ମୋର କୃତକର୍ମ ଲାଗି ପ୍ରତିଶୋଧ ନିଅ । ମୋ ରକ୍ତରେ ତମ ପ୍ରତିଶୋଧର ବହ୍ନି ନିର୍ବାପିତ କର । ଆଜି ଏହିଠାରେ ହେଉ ସାର୍ବଭୌମ ସମ୍ରାଟ୍ ଅଶୋକର ଶେଷ ଦିନ । ଏ ପବିତ୍ର କଳିଙ୍ଗ ମାଟିରେ ମିଶିଗଲେ, ମୋର ପ୍ରାୟଶ୍ଚିତ୍ତହେଇଯିବ ।' (ଇତିହୀନ ଇତିହାସ – ସରୋଜ ମିଶ୍ର)ଏ ପରିବର୍ତ୍ତନ ଆକସ୍ମିକ; ଅଥଚ ଏହା ରୂପାନ୍ତରଣ ନୁହଁ । ଅଶୋକ ଚରିତ୍ର ଭିତରେ ଯେଉଁ ସବୁ ପରିବର୍ତ୍ତନ ଆମେ ଲକ୍ଷ୍ୟ କରୁଛେ ସେସବୁ ଭିତରେ ସୁନିଶ୍ଚିତତା କିଛି ନାହିଁ ।

ସେହିପରି ନାଟ୍ୟକାର ବିଜୟ ଶତପଥୀଙ୍କର 'ପ୍ରଳୟ ପରେ' ନାଟକରେ ଧୂମାନ୍ତ ରାଜ୍ୟର ରାଜା ସୁଦର୍ଶନ ରାଜ୍ୟରେ ବ୍ୟାପିଥିବା ମହାମାରୀ ଓ ଅନାହାରକୁ ରୋକିବାକୁ କୌଣସି ପ୍ରୟାସ ନ କରିବା ତଥା ଅପରପକ୍ଷରେ ଅନାହାର ପ୍ରପୀଡ଼ିତ ନିରନ୍ନ ବାସୁହରା ପ୍ରଜାଙ୍କୁ ପାଦରେ ଦଳିଦେବା ନିମନ୍ତେ ହତ୍ୟା କରିବାପାଇଁ ଆଦେଶ ଦେବା ପଛରେ ରହିଛି ତାଙ୍କର ଅଜ୍ଞତା ଓ ମୂର୍ଖତା । କାରଣ ସତ୍ୟର ଉନ୍ମୋଚନ ହୋଇପାରିନି ତାଙ୍କ ସମ୍ମୁଖରେ, ସେହି ପରଜନ୍ମରେ ସାଜୁଛନ୍ତି ଶିଳ୍ପପତି ପ୍ରିୟଦର୍ଶନ । ଯିଏ ନିଜ ଅହଂକାର ଓ ଆତ୍ମବଡ଼ିମା ପାଇଁ ହତ୍ୟା କରିଛନ୍ତି ଅନିଚ୍ଛା ସତ୍ତ୍ୱେ ଶ୍ରମିକ ନେତା

ଶ୍ରୀଧରଙ୍କୁ । କାରଣ ସେ ଭଲପାଉଥିଲା ତାଙ୍କ କନ୍ୟାକୁ । ରାଜା ସୁଦର୍ଶନ ଓ ଶିଳ୍ପପତି ପ୍ରିୟଦର୍ଶନ ଉଭୟଙ୍କ ଭିତରେ ସମ୍ବେଦନଶୀଳତା ସମ୍ପୂର୍ଣ୍ଣ ବିଲୋପ ହୋଇଯାଇ ନ ଥିଲେ ହେଁ ପରିସ୍ଥିତି, ଅହଂକାର ଓ ଆତ୍ମବଡ଼ିମା ସେମାନଙ୍କୁ ରୂପାନ୍ତରିତ କରିଛି ଜଣେ ଜଣେ ଖଳଚରିତ୍ରରେ । ସମୟର ପରିବର୍ତ୍ତିତ ରୂପ ମୂଳରେ ଚରିତ୍ରମାନଙ୍କ ହୁଏ ଚରିତ୍ର ସଂହାର, ଆଦର୍ଶରୁସେ ହୁଏ ଭୂ-ଲୁଣ୍ଠିତ । ସମସାମୟିକ ସମାଜ, ସମାଜ ବ୍ୟବସ୍ଥା ମୂଳରେ ମଣିଷର ମାନସିକ କ୍ରିୟା-ପ୍ରତିକ୍ରିୟା ହୁଏ ଅସ୍ୱାଭାବିକ । ମଣିଷ ଭୁଲେ ତା'ର ପ୍ରକୃତ ସ୍ୱରୂପ, ନୀତିନିଷ୍ଠତା । ସମୟର କରାଳ ରୂପ ଓ ପ୍ରତିକୂଳ ପରିସ୍ଥିତିରେ ସେ ହୁଏ ଶୂନ୍ୟଗର୍ଭା । ତାହା ହିଁ ଜଣେ ନାୟକ ଭିତରେ ପ୍ରତିରୋପଣ କରେ ଜଣେ ପ୍ରତିନାୟକର ସ୍ୱରୂପକୁ ।

ସୁବୋଧ ପଟ୍ଟନାୟକଙ୍କର ନାଟକ 'ଧୂଆଁ'ରେ ନିଜେ ଆଦିବାସୀ ହୋଇ ମଧ୍ୟ ଲୁକା କିଭଳି ନିଜ ଲୋକଙ୍କର ସ୍ୱାର୍ଥକଥା ନ ଭାବି ବିଦେଶୀ କମ୍ପାନୀ ଓ କଣ୍ଟ୍ରାକ୍ଟର ହାତରେ ଟେକିଦେଇଛି ନିଜ ଗାଁ ହାତୀଗୁଡ଼ାକୁ ଏବଂ ଗାଆଁ ଲୋକଙ୍କୁ । ଟଙ୍କାର ଲୋଭ ପାଇ ଗାଆଁ ଛାଡ଼ି ଚାଲିଯିବାପାଇଁ କହିଛି ସମସ୍ତଙ୍କୁ । ସେଥିରେ ତାକୁ ସହଯୋଗ କରିଛି ଗାଆଁର କାଳିଶି । ଲୋକେ ବିସ୍ଥାପିତ ହେବା ପରେ ସେଠାରେ ପ୍ରତିଷ୍ଠା ପାଇଛି କାରଖାନା । ମାତ୍ର ମଗ୍ନଉପତ୍ୟକା ସାଜିଥିବା ହାତୀଗୁଡ଼ାର ପ୍ରତିଶ୍ରୁତି ମୁତାବକ ଲୋକଙ୍କୁ ମିଳି ନାହିଁ କାମ, ମଜୁରି ବା ବିଜୁଳି । ଲୁକା ଅନୁଭବିଛି ବିଦେଶୀ ମଦ ତାକୁ ତା'ର ନିଜ ଭଳି ଲାଗୁନି; ମଦପିଇ ସ୍ତ୍ରୀ ଉପରେ ଅତ୍ୟାଚାର କରିଛି ଅନ୍ୟମାନଙ୍କ ପ୍ରତି ଆକର୍ଷିତ ହୋଇ । ପରିଶେଷରେ ନିଜର ଭୁଲକୁ ସ୍ୱୀକାର କରିଛି ଯେ ହାତୀଗୁଡ଼ା ତା' ପାଇଁ ଜଳମଗ୍ନ ହେଲା; କାଳିଶିର ସାହାଯ୍ୟନେଇ ମିଥ୍ୟା ଧର୍ମବିଶ୍ୱାସ ନାଁରେ ଲୋକଙ୍କୁ ଗାଆଁରୁ ଉଠାଇ ଦେଇଥିବାର ବ୍ୟଥାରେ ମର୍ମାହତ ହୋଇଛି ଲୁକା । ଝୁରି ହୋଇଛି ତା'ର ଜନ୍ମମାଟି ହାତୀଗୁଡ଼ାକୁ ହରାଇଥିବା ତା'ର ବନ୍ଧୁ ପରିଜନଙ୍କୁ । ପ୍ରୋଟାଗୋନିଷ୍ଟ୍ ଲୁକା ଭିତରେ ଅଣ-ନାୟକତ୍ୱ ପ୍ରଚଣ୍ଡ ହୋଇଉଠିଛି ଆଉ ହରାଇଛି ତା'ର ସବୁକିଛି ।

ଓଡ଼ିଆ ନାଟକ କ୍ଷେତ୍ରରେ ଅଣ-ନାୟକ ରଚିତ୍ର ଧର୍ମୀ ଏକ ସଂଳ ନାଟକ ହେଉଛି ଶଙ୍କର ତ୍ରିପାଠୀଙ୍କର 'ଉତ୍ତରାୟଣ' । ନାଟକରେ ପରିକଳ୍ପିତ ଅଣ-ନାୟକ ଜଣକ ଅତ୍ୟନ୍ତ ସ୍ୱତନ୍ତ୍ର । ମୁକ୍ତାଗଡ଼ର ସମ୍ରାଟ ରାଜ୍ୟରେ ରାଜା ଓ ମନ୍ତ୍ରୀ ପାରିଷଦ ବିଚାର ଉପରେ ଧର୍ମର ଅଦୃଶ୍ୟ ବିଚାର ଗ୍ରହଣ କରିହୋଇଛନ୍ତି ସନ୍ତୁଳିତ । ଧର୍ମବିଚାର ଯୋଗୁଁ ତାଙ୍କର ପ୍ରାଣପ୍ରିୟା ମହାରାଣୀ କଳଙ୍କିନୀର ଆଖ୍ୟାପାଇ ଧର୍ମାଧ୍ୟକ୍ଷଙ୍କଦ୍ୱାରା ବିଷପାନର ଆଦେଶ ପାଇଛନ୍ତି । ଏହାର ମୂଳରେ ଥିଲେ ସେନାପତି, କାରଣ ତାଙ୍କର ଲୋଲୁପ ଦୃଷ୍ଟି ପଡ଼ିଥିଲା ମହାରାଣୀଙ୍କ ଉପରେ । ପତ୍ନୀ ମୃତ୍ୟୁର ପରବର୍ତ୍ତୀକୋଡ଼ିଏ ବର୍ଷ ରାଜା କଟାଇଲେ ବିରହର ତୀବ୍ର ଜ୍ୱାଳାମୟ ଜୀବନ । ମହାରାଜାସେଇଠୁ ନୂତନ ନିୟମ ଲାଗୁ କଲେ ଯେ ରାଜ୍ୟର ସମସ୍ତ ନବକୁମାରୀଙ୍କୁସେ ହିଁ ପ୍ରଥମେ ଉପଭୋଗ କରିବେ । ଧର୍ମାଧ୍ୟକ୍ଷଙ୍କ କନ୍ୟାର ପାଳି ପଡ଼ିବାରୁ ସେ ରାଜାଙ୍କୁ ଦେଇଛ ନପୁଂସକ ହୋଇଯିବାର ଅଭିଶାପ । କିଶୋରୀମାନଙ୍କର କରୁଣ କ୍ରନ୍ଦନ ଓ ଅଭିଶାପରେ ଆହୁରି ତୀବ୍ର ହୋଇଛି ମହାରାଜାଙ୍କର ବିପର୍ଯ୍ୟୟ । ପୁନଶ୍ଚ ସେ ଘୋଷଣା କରିଛନ୍ତି – ଯେଉଁ ବୈଦ୍ୟ ରାଜାଙ୍କର ଅପହୃତ ଯୌବନକୁ ଫେରାଇ ଆଣିପାରିବ ସେ ରାଜକୁମାରୀଙ୍କୁ ବିବାହ କରିବ । ମାତ୍ର ବନ୍ଦିନୀପ୍ରାୟ ରାଜକୁମାରୀ ଏଥିରେ ଅସନ୍ତୁଷ୍ଟ ହୋଇ ନିଜ ପ୍ରେମିକ ଶାମ୍ବ କୁମାରଙ୍କୁ ମହାରାଜା ଭବାନୀପ୍ରତାପଙ୍କର ଅଗୋଚରରେ ବିବାହ କରିଛନ୍ତି । କ୍ରୋଧ-ଜର୍ଜରିତ ମହାରାଜା ନାଟକର ପରିସମାପ୍ତିରେ ନିଜେ ଆତ୍ମହତ୍ୟା କରିଛନ୍ତି ।

ତେବେ କହିବା ବାହୁଲ୍ୟ ଅଶୀ ପରବର୍ତ୍ତୀ ଓଡ଼ିଆ ନାଟକରେ ଏମିତି ଅନେକ ଚରିତ୍ର ଆସିଛନ୍ତି ଏବଂକେତେକ କ୍ଷେତ୍ରରେ ବିଶେଷତଃ ପ୍ରଚଳିତ ବ୍ୟବସ୍ଥାକୁ ବିରୁଦ୍ଧାଚରଣ କରି ତୀବ୍ରସ୍ୱର ଯୋଗୁଁ ଏଭଳି ଘଟିଥିବା ସ୍ଥଳେ ଆଉ କେତେକ କ୍ଷେତ୍ରରେ ମନ ଭିତରେ ଚାପି ହୋଇ ରହିଥିବା ମାନସିକ ଦ୍ୱନ୍ଦ୍ୱ ତାଙ୍କୁ ଗଢ଼ି ତୋଳିଛି ଜଣେ ଜଣେ ଅଣ-ନାୟକ ଭାବରେ । କିନ୍ତୁ ଏ ସମସ୍ତ ନାଟକରେ ଏମାନଙ୍କର ଆଗମନ ସର୍ବଦା ସ୍ୱତନ୍ତ୍ର । ବିଷୟ ପରିକଳ୍ପନା ଯାହା ବି ହେଉନା କାହିଁକି ଚରିତ୍ରମାନଙ୍କ କ୍ରିୟା ପ୍ରତିକ୍ରିୟା ଓ ସେମାନଙ୍କର ଗତିଶୀଳତା ନାଟକକୁ କରିଛି ସ୍ୱତନ୍ତ୍ର । ଏହି ସବୁ ନାଟକରେ ପରିଣତିର ଗୁରୁତ୍ୱ ପରିଲକ୍ଷିତ ହୁଏ ନାହିଁ । ବରଂ ନାଟ୍ୟକାରଙ୍କ ଚରିତ୍ର ମାଧ୍ୟମରେ ଅଭିବ୍ୟକ୍ତିର ସ୍ୱର ହିଁ ହୁଏ ନାଟକର ସ୍ୱତନ୍ତ୍ର ସ୍ୱାକ୍ଷର ।

**ସହାୟକ ଗ୍ରନ୍ଥସୂଚୀ:**


- ଦାସ ହେମନ୍ତ କୁମାର, ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ (୧୯୮୦-୨୦୦୬) । (ବିଦ୍ୟାପୁରୀ, ବଲ୍ଲିବଜାର, କଟକ) (ସୌଜନ୍ୟ – ଓଡ଼ିଆ ବିଭବ)
- ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ । (ଏସବି ପବ୍ଲିକେଶନସ, ବିନୋଦବିହାରୀ, କଟକ) (ସୌଜନ୍ୟ– ଓଡ଼ିଆ ବିଭବ)
- ସାହୁ ନାରାୟଣ, ସ୍ୱାଧୀନତାତ୍ତର ଓଡ଼ିଆ ନାଟକ ଓ ଅନ୍ୟ ପ୍ରସଙ୍ଗ । (ସତ୍ୟନାରାୟଣ ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକ) (ସୌଜନ୍ୟ– ଓଡ଼ିଆ ବିଭବ)
- ସାହୁ ନାରାୟଣ, ନାଟ୍ୟଚର୍ଚ୍ଚା ଓ ଅନ୍ୟ ପ୍ରସଙ୍ଗ । (ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ

ବିହାରୀ, କଟକ) (ସୌଜନ୍ୟ – ଓଡ଼ିଆ ବିଭବ)

- ହରିଚନ୍ଦନ ନୀଳାଦ୍ରୀଭୂଷଣ, ବରାଳ ଆଲୋକ, ଓଡ଼ିଆ ନାଟକର ସମୀକ୍ଷାତ୍ମକ ଇତିହାସ (୧୮୭୭-୨୦୧୮) । (ବିଦ୍ୟାପୁରୀ, ବକ୍ସିବ ଜାର, କଟକ)
- ଶ୍ରୀବାସ୍ତବ, ଆଶା, ହିନ୍ଦୀ ନାଟକୋଁମେ ପ୍ରତିନାୟକ । (ଭାରତୀୟ ବିଦ୍ୟା ସଂସ୍ଥାନ, ବାରଣାସୀ) - ହିନ୍ଦୀ ପୁସ୍ତକ (ସୌଜନ୍ୟ – ଗୁଗୁଲ ବୁକ୍)
- Abrams H.H, Harpham G.G, A Glossary of Literary Terms. (Eleventh Edition, Cengage Learning, Mayur Vihar Phase 1, Delhi)
- Pal Jit, Anti-hero in the American drama after World War II 1945 to 1970 (PhD dissertation submitted to the Panjab University, Chandigarh, 1985)– 0>"@ (8L"(M_ – 8K''M>)
- ବରାଳ ଆଲୋକ, ଓଡ଼ିଆ ପିକାରେସ୍କ ଉପନ୍ୟାସ, ଇସ୍ତାହାର: ପୂଜା ବିଶେଷାଙ୍କ (୩୩ ବର୍ଷ, ୪ର୍ଥ ସଂଖ୍ୟା, ଅକ୍ଟୋବର ୨୦୧୧) (ସୌଜନ୍ୟ– ଓଡ଼ିଆ ବିଭବ)

କଳାଭୂଷଣ ଅ୍ମାୟୀ,

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ